# NATIONAL NEWS BULLETIN (ODIA)
## 12th May - 2024
## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ଚତୁର୍ଥ ପର୍ଯ୍ୟାୟ ନିର୍ବାଚନରେ ଆସନ୍ତାକାଲି ୯୬ଟି ଲୋକସଭା ଆସନ ପାଇଁ ଅନୁଷ୍ଠିତ ହେବ ମତଦାନ ।

— ଓଡ଼ିଶାର ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ୪ଟି ଲୋକସଭା ଏବଂ ୨୮ଟି ବିଧାନସଭା ଆସନପାଇଁ ହେବ ଭୋଟ୍‌ଗ୍ରହଣ ।

- ବି.ଜେ.ପି. ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଶ୍ଚିମବଙ୍ଗର ବିଭିନ୍ନ ନିର୍ବାଚନୀ ର୍‍ୟାଲିରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ କଲେ ପ୍ରଚାର ।

- ଦକ୍ଷିଣ ଗାଜା ସହରରୁ ଲୋକଙ୍କୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦେଲା ଇସ୍ରାଏଲ୍ ସେନା ।

- ଇଣ୍ଡୋନେସିଆର ପଶ୍ଚିମ ସୁମାତ୍ରା ପ୍ରଦେଶରେ ବନ୍ୟା ଏବଂ ଭୂସ୍ଖଳନ ଯୋଗୁଁ ୨୮ ଜଣଙ୍କର ମୃତ୍ୟୁ ।

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍‌ର ଆଜିର ଦ୍ୱିତୀୟ ମ୍ୟାଚ୍‌ରେ ଟସ୍ ଜିତି ବେଙ୍ଗାଲୁରୁକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କଲା ଦିଲ୍ଲୀ ।

— ପ୍ରଥମ ମ୍ୟାଚ୍‌ରେ ରାଜସ୍ଥାନକୁ ୫ ୱିକେଟ୍‌ରେ ପରାସ୍ତ କଲା ଚେନ୍ନାଇ ।

# ଏଲ୍.ଏସ୍. - ଫୋର୍ଥ ଫେଜ୍

ଆସନ୍ତାକାଲିର ଚତୁର୍ଥ ପର୍ଯ୍ୟାୟ ମତଦାନ ଲାଗି ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ୯ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ୯୬ଟି ଲୋକସଭା ଆସନରେ ମତଦାନ ହେବ। ଆନ୍ଧ୍ରପ୍ରଦେଶର ୨୫, ତେଲେଙ୍ଗାନାର ୧୭, ଉତ୍ତରପ୍ରଦେଶର ୧୩, ମହାରାଷ୍ଟ୍ରର ୧୧, ମଧ୍ୟପ୍ରଦେଶ ଓ ପଶ୍ଚିମବଙ୍ଗର ୮ଟି ଲେଖାଏଁ ଆସନ, ବିହାରର ୫ଟି, ଝାଡ଼ଖଣ୍ଡ ଓ ଓଡ଼ିଶାର ୪ଟି ଲେଖାଏଁ ଆସନ ସହ କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀରର ଗୋଟିଏ ଆସନରେ ଭୋଟ୍‌ଗ୍ରହଣ କରାଯିବ । ଏହି ପର୍ଯ୍ୟାୟରେ ଲୋକସଭା ନିର୍ବାଚନ ପାଇଁ ମୋଟ ୧ ହଜାର ୭୧୭ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି ବୋଲି ନିର୍ବାଚନ ଆୟୋଗ କହିଛନ୍ତି।

ଓଡ଼ିଶାରେ ଆସନ୍ତାକାଲି ପ୍ରଥମ ପର୍ଯ୍ୟାୟ ମତଦାନ ଅନୁଷ୍ଠିତ ହେବାକୁ ଯାଉଛି । ଏହି ପର୍ଯ୍ୟାୟରେ ୪ଟି ସଂସଦୀୟ କ୍ଷେତ୍ର କଳାହାଣ୍ଡି, ନବରଙ୍ଗପୁର,

ବ୍ରହ୍ମପୁର ଓ କୋରାପୁଟ ସମେତ ଏହାର ଅଧୀନରେ ଆସୁଥିବା ୨୮ଟି ବିଧାନସଭା ଆସନ ନିମନ୍ତେ ଏକ ସଙ୍ଗେ ଭୋଟଗ୍ରହଣ କରାଯିବ । ଲୋକସଭା ଆସନ ପାଇଁ ୩୭ଜଣ ପ୍ରାର୍ଥୀ ଏବଂ ୨୮ଟି ବିଧାନସଭା ଆସନ ପାଇଁ ୨୪୩ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅଛନ୍ତି ।

ସୂଚନାଯୋଗ୍ୟ ଏହି ପର୍ଯ୍ୟାୟରେ ଆନ୍ଧ୍ରପ୍ରଦେଶର ୧୭୫ଟି ବିଧାନସଭା ଆସନ ପାଇଁ ମତଦାନ ହେବାକୁ ଯାଉଛି ।

ଏହି ପର୍ଯ୍ୟାୟରେ ମୋଟ୍ ୧ ଲକ୍ଷ ୯୨ ହଜାର ମତଦାନ କେନ୍ଦ୍ରରେ ୧୯ ଲକ୍ଷରୁ ଅଧିକ ପୋଲିଂ ଅଫିସର ନିୟୋଜିତ ହୋଇଛନ୍ତି । ଭୋଟ୍ ଗ୍ରହଣ ସକାଳ ୭ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିବ। ତେଲେଙ୍ଗାନାର ୧୭ଟି ସଂସଦୀୟ କ୍ଷେତ୍ର ଅନ୍ତର୍ଗତ କେତେକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ମତଦାନ ହାର ବୃଦ୍ଧି ଲକ୍ଷ୍ୟରେ ଆୟୋଗ ମତଦାନ ସମୟ ସୀମାକୁ ବଢ଼ାଇ ଦେଇଛନ୍ତି ।

ଏହି ପର୍ଯ୍ୟାୟରେ ହେବାକୁ ଥିବା ସଂସଦୀୟ ନିର୍ବାଚନ ମଣ୍ଡଳୀରେ ସ୍ୱାଭାବିକରୁ କମ୍ ତାପମାତ୍ରା ଅନୁଭୂତ ହୋଇପାରେ ଏବଂ ଗ୍ରୀଷ୍ମ ପ୍ରବାହ ଭଳି ପରିସ୍ଥିତି ରହିବ ନାହିଁ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଭୋଟ୍‌ଗ୍ରହଣ କେନ୍ଦ୍ରଗୁଡ଼ିକରେ ସମସ୍ତ ପ୍ରକାର ମୌଳିକ ସୁବିଧା ଯୋଗାଇଦେବାର ବ୍ୟବସ୍ଥା କରାଯାଇଛି ।

## ଡବ୍ଲ୍ୟୁ.ବି. - ପି.ଏମ୍. ପବ୍ଲିକ୍ ମିଟିଙ୍ଗ୍

ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ହୁଗଲିର ପରଶୁରାଠାରେ  ଏକ ନିର୍ବାଚନ ର୍ୟାଲିକୁ ସମ୍ବୋଧନ କରି କହିଛନ୍ତି, ଏନ୍.ଡି.ଏ. ସରକାର କ୍ଷମତାକୁ ଆସିବା ପରେ ତଫସିଲ୍‌ଭୁକ୍ତ ଉପଜାତିଙ୍କ ପାଇଁ ବଜେଟ୍‌ରେ ଅର୍ଥବରାଦ ବୃଦ୍ଧି ପାଇଛି । ଏହି ସମ୍ପ୍ରଦାୟର ଛାତ୍ରଛାତ୍ରୀଙ୍କୁ ସ୍କଲାରସିପ୍ ପ୍ରଦାନ କରାଯାଉଛି। ସେ କହିଛନ୍ତି, ପଶ୍ଚିମବଙ୍ଗରେ ଶିକ୍ଷା ବ୍ୟବସ୍ଥାର ଅବନତି ଘଟିଛି । ତୃଣମୂଳ କଂଗ୍ରେସ ସରକାର ଅମଳରେ ରାଜ୍ୟରେ ଶିକ୍ଷକ ନିଯୁକ୍ତି ଦୁର୍ନୀତି ପଶ୍ଚିମବଙ୍ଗର ପ୍ରତିଷ୍ଠାରେ ଆଞ୍ଚ୍ ଆଣିଛି ବୋଲି ସେ ଅଭିଯୋଗ କରିଛନ୍ତି।  ଚିକିତ୍ସା ଭିତ୍ତିଭୂମିରେ ମଧ୍ଯ ଅବନତି ଘଟିଛି ବୋଲି ଶ୍ରୀ ମୋଦୀ ଅଭିଯୋଗ କରିଛନ୍ତି ।

ଏହା ପୂର୍ବରୁ ସେ ବାରାକପୁର ଲୋକସଭା ନିର୍ବାଚନ ମଣ୍ଡଳୀର ଜଗତ୍‌ଦାଲ ଓ ହୁଗଲି ଲୋକସଭା ନିର୍ବାଚନ ମଣ୍ଡଳୀର ଚିନ୍‌ଶୁରାଠାରେ ଦୁଇଟି ଜନସଭାରେ ଦଳୀୟ ପ୍ରାର୍ଥୀଙ୍କ ପସପକ୍ଷରେ ପ୍ରଚାର କରିଥିଲେ।

## ୟୁ.ପି. - ଏସ୍.ପି. ଲିଷ୍ଟ

ଉତ୍ତର ପ୍ରଦେଶରେ ସମାଜବାଦୀ ପାର୍ଟି ସପ୍ତମ ତଥା ଶେଷ ପର୍ଯ୍ୟାୟ ସାଧାରଣ ନିର୍ବାଚନ ପାଇଁ ଦଳୀୟ ପ୍ରାର୍ଥୀଙ୍କ ଆଉ ଏକ ତାଲିକା ଘୋଷଣା

କରିଛି। ମିର୍ଜାପୁରରୁ ରମେଶ ବିନ୍ଦ୍‌ଙ୍କୁ ଦଳ ପ୍ରାର୍ଥୀ କରିଛି। ପୂର୍ବରୁ ଦଳ ମିର୍ଜାପୁର ଆସନରୁ ରାଜେନ୍ଦ୍ର ବିନ୍ଦଙ୍କୁ ଟିକେଟ୍ ଦେଇଥିଲା; କିନ୍ତୁ ଭଦୋହିର ବିଜେପି ସାଂସଦ ରମେଶ ବିନ୍ଦ୍ ସମାଜବାଦୀ ପାର୍ଟିରେ ଯୋଗଦେବା ପରେ ଦଳପକ୍ଷରୁ ଏହି ଆସନ ପାଇଁ ପାର୍ଥୀ ପରିବର୍ତ୍ତନ କରାଯାଇଛି । ଏବେ ରମେଶ ବିନ୍ଦ୍ ଏନଡିଏର ସହଯୋଗୀ ଅପନା ଦଳର ଅନୁପ୍ରିୟା ପଟେଲଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବେ । ଏହାବ୍ୟତୀତ ସୋନଭଦ୍ର ଜିଲ୍ଲାର ରବର୍ଟସ୍‌ଗଞ୍ଜ ଆସନରୁ ଛୋଟାଲାଲ୍ ଖରୱାରଙ୍କୁ ଦଳ ପକ୍ଷରୁ ପ୍ରାର୍ଥୀ କରାଯାଇଛି । ମେଣ୍ଟ ଅଧୀନରେ ଉଭୟ ଆସନ ବିଜେପି ଅପନା ଦଳକୁ ଦେଇଛି । ଜୁନ୍ ପହିଲାରେ ସେଠାରେ ମତଦାନ ଅନୁଷ୍ଠିତ ହେବ।

## ସିକ୍କିମ୍ - ନେପାଳ ଆମ୍ବାସାଡର

ଭାରତରେ ଅବସ୍ଥାପିତ ନେପାଳର ରାଷ୍ଟ୍ରଦୂତ ଡକ୍ଟର ଶଙ୍କର ପ୍ରସାଦ ଶର୍ମା ଭାରତ-ନେପାଳ ଫାଉଣ୍ଡେସନର ୩୮ତମ ବୋର୍ଡ ବୈଠକରେ ଯୋଗଦେବା ପାଇଁ ଆଜି ସିକ୍କିମରେ ପହଞ୍ଚିଛନ୍ତି। ରଙ୍ଗପୋ ଅଭ୍ୟର୍ଥନା କେନ୍ଦ୍ରରେ ଶ୍ରୀ ଶର୍ମାଙ୍କୁ ସ୍ୱାଗତ କରାଯାଇଥିଲା । ଆସନ୍ତା ମଙ୍ଗଳବାର ପର୍ଯ୍ୟନ୍ତ ହେବାକୁ ଥିବା ଏହି ବୈଠକ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରିବା ଉପରେ ଦ୍ୱିପାକ୍ଷିକ ଆଲୋଚନା ହେବ ।

# ଇଜ୍ରାଏଲ୍ - ଗାଜା

ଇସ୍ରାଏଲ ସେନା ପକ୍ଷରୁ ଦକ୍ଷିଣ ଗାଜା ସହର ଉପରେ ସମ୍ଭାବ୍ୟ ଆକ୍ରମଣକୁ ଦୃଷ୍ଟିରେ ରଖି ସେଠାରୁ ଲୋକଙ୍କୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ରାଫାରେ ଇସ୍ରାଏଲ୍‌ର ଏହି ପଦକ୍ଷେପକୁ ଅନ୍ତର୍ଜାତୀୟ ଗୋଷ୍ଠୀ ବିରୋଧ କରିଛନ୍ତି। ଇସ୍ରାଏଲ ସେନାପକ୍ଷରୁ ଗତକାଲି ଏହି ସ୍ଥାନାନ୍ତର ନେଇ ନିର୍ଦ୍ଦେଶନାମା ଜାରି ହୋଇଛି । ଏହା ପୂର୍ବରୁ ରାଫାର ପୂର୍ବାଞ୍ଚଳରୁ ମଧ୍ୟ ସହର ଛାଡିବାକୁ ଲୋକମାନଙ୍କୁ ଇସ୍ରାଏଲ ସେନା ଆହ୍ୱାନ ଦେଇଥିଲା । ସେନା କହିଛି, ବର୍ତ୍ତମାନ ସୁଦ୍ଧା ପ୍ରାୟ ୩ ଲକ୍ଷ ଲୋକ ରାଫା ଅଞ୍ଚଳରୁ ପଳାୟନ କରିଛନ୍ତି।

ମିଳିତ ଜାତିସଂଘର ଶରଣାର୍ଥୀ ଏଜେନ୍ସିର ପାଲେଷ୍ଟାଇନ ମୁଖ୍ୟ ଇସ୍ରାଏଲ୍‌ର ଏହି ସ୍ଥାନାନ୍ତର ପଦକ୍ଷେପ ଉପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ମିଳିତ ଜାତିସଂଘ ରିଲିଫ୍ ଓ୍ୱାର୍କସ ଏଜେନ୍ସି କମିଶନର ଜେନେରାଲ ଫିଲିପ୍ ଲାଜାରିନି ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି, ଯୁଦ୍ଧ ଆରମ୍ଭ ହେବା ପରଠାରୁ ଗାଜା ଷ୍ଟ୍ରିପ୍‌ର ଲୋକଙ୍କୁ ନିରାପତ୍ତା ଯୋଗାଇ ଦିଆଯାଇପାରି ନାହିଁ । ସେ ଆହୁରି ମଧ୍ୟ କହିଛନ୍ତି, ଗାଜାରେ କୌଣସି ସ୍ଥାନ ସୁରକ୍ଷିତ ନୁହେଁ ।

ୟୁରୋପୀୟ ପରିଷଦ ଅଧ୍ୟକ୍ଷ ଚାର୍ଲସ ମିସେଲ ସାମାଜିକ ଗଣମାଧ୍ୟମରେ କହିଛନ୍ତି, ରାଫାରେ ରହିଥିବା ସାଧାରଣ ନାଗରିକଙ୍କୁ ଅସୁରକ୍ଷିତ ଅଞ୍ଚଳକୁ ସ୍ଥାନାନ୍ତର ଆଦେଶ ଗ୍ରହଣୀୟ ନୁହେଁ। ଅନ୍ତର୍ଜାତୀୟ ମାନବିକତା ଆଇନକୁ ସମ୍ମାନ ଦେବା ସହ ଇସ୍ରାଏଲକୁ ରାଫାର ସ୍ଥଳଭାଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାକୁ ଅନୁରୋଧ କରିଥିଲେ।

ଇସ୍ରାଏଲ-ହମାସ ମଧ୍ୟରେ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଏପର୍ଯ୍ୟନ୍ତ ସେହି ଅଞ୍ଚଳରେ ୩୪ ହଜାର ୯୭୧ ଜଣଙ୍କ ମୃତ୍ୟୁ ଘଟିଥିବା ଗାଜାର ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ଗତକାଲି ଘୋଷଣା କରିଛନ୍ତି।

## ଇଣ୍ଡୋନେସିଆ, ଆଫଗାନିସ୍ତାନ, ବ୍ରାଜିଲ୍ ଫ୍ଲଡ୍ସ

ଇଣ୍ଡୋନେସିଆର ପଶ୍ଚିମ ସୁମାତ୍ରା ପ୍ରଦେଶରେ ପ୍ରବଳ ବର୍ଷାଜନିତ ବନ୍ୟା ଓ ଭୂସ୍ଖଳନରେ ୨୮ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୪ ଜଣ ନିଖୋଜ ଅଛନ୍ତି। ସେଠାକାର ଜାତୀୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥା କହିଛି, ଗତରାତିରୁ ବନ୍ୟାଜଳଦ୍ୱାରା ତାନାହ ଦାତାର ଅଞ୍ଚଳ ସହ ୫ଟି ଉପଜିଲ୍ଲା ପ୍ରଭାବିତ ହୋଇଛି । ସଂସ୍ଥା କହିଛି, ୮୪ଟି ବାସଗୃହ ଅଞ୍ଚଳ ଏବଂ ୧୬ଟି ପୋଲ ଏହି ବନ୍ୟାଦ୍ୱାରା ପ୍ରଭାବିତ ହୋଇଛି । ସଡ଼କ ଯୋଗାଯୋଗକୁ ପୁନଃ ସ୍ଥାପନ କରିବାକୁ ଯୁଦ୍ଧକାଳୀନ ଭିତ୍ତିରେ ସଫେଇ କାର୍ଯ୍ୟ ଜାରି ରହିଛି ।

ସେହିପରି ଆଫଗାନିସ୍ତାନରେ ପ୍ରବଳ ବର୍ଷାଜନିତ ବନ୍ୟାରେ ମୃତ୍ୟୁସଂଖ୍ୟା ୩୧୫କୁ ବୃଦ୍ଧି ପାଇଥିବାବେଳେ ୧୬୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ଏହାକୁ ଜରୁରୀକାଳୀନ ପରିସ୍ଥିତି ବୋଲି ବର୍ଣ୍ଣନା କରି ସେଠାକାର ସହାୟତା ସଂସ୍ଥାଗୁଡ଼ିକ ବ୍ୟାପକ କ୍ଷୟକ୍ଷତି ନେଇ ଆଶଙ୍କା ପ୍ରକାଶ କରିଛନ୍ତି ।

ଅନ୍ୟପକ୍ଷରେ ବ୍ରାଜିଲରେ ମଧ୍ୟ ଗତକାଲି ଆକସ୍ମିକ ବର୍ଷାଜନିତ ବନ୍ୟା ଯୋଗୁଁ ଦକ୍ଷିଣାଞ୍ଚଳରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଛି । ଏପର୍ଯ୍ୟନ୍ତ ମୃତ୍ୟୁସଂଖ୍ୟା ୧୩୬ ହୋଇଥିବାବେଳେ ୧୨୫ ଜଣ ଏବେବି ନିଖୋଜ ଥିବା ଜଣାପଡ଼ିଛି । ବେସାମରିକ ସୁରକ୍ଷା ସଂସ୍ଥା କହିଛି, ଗତ ସପ୍ତାହରେ ପ୍ରବଳ ବର୍ଷା ଯୋଗୁଁ ସେଠାରେ ନଦୀଗୁଡ଼ିକରେ ବନ୍ୟା ଆସିବା ଫଳରେ ବ୍ୟାପକ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଛି ।

## ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ୍‌ରେ ଆଉ କିଛି ସମୟ ପରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ଦିଲ୍ଲୀ କ୍ୟାପିଟାଲ୍‌ସ୍ ମଧ୍ୟରେ ବେଙ୍ଗାଲୁରୁର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ଠାରେ ମୁକାବିଲା ଆରମ୍ଭ ହେବ । ଟସ୍ ଜିତି ଦିଲ୍ଲୀ କ୍ୟାପିଟାଲ୍‌ସ୍ ବେଙ୍ଗାଲୁରୁକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଛି ।

ଦିଲ୍ଲୀ କ୍ୟାପିଟାଲ୍ସ୍ ଏପର୍ଯ୍ୟନ୍ତ ଖେଳିଥିବା ୧୨ଟି ମ୍ୟାଚ୍‌ରୁ ୬ଟି ବିଜୟ ଏବଂ ୬ଟି ପରାଜୟ ସହ ୧୨ ପଏଣ୍ଟ୍ ପାଇ ପଏଣ୍ଟ୍ ତାଲିକାର ପଞ୍ଚମ ସ୍ଥାନରେ ରହିଛି । ଅନ୍ୟପକ୍ଷରେ ବେଙ୍ଗାଲୁରୁ ୧୨ଟି ମ୍ୟାଚ୍‌ରୁ ୫ଟି ମ୍ୟାଚ୍ ଜିତି ୧୦ ପଏଣ୍ଟି ହାସଲ୍ କରିଛି । ଏହି ମ୍ୟାଚ୍ ଜିତି ଦିଲ୍ଲୀ ପ୍ଲେଅଫ୍‌ରେ ନିଜ ସ୍ଥାନକୁ ପକ୍କା କରିବାକୁ ଚେଷ୍ଟା କରିବ ।

ଆଜି ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଚେନ୍ନାଇ ସୁପର୍ କିଙ୍ଗ୍ସ୍ ରାଜସ୍ଥାନ ରୟାଲ୍ସ୍‌କୁ ୫ ଓ୍ୱିକେଟ୍‌ରେ ପରାସ୍ତ କରିଛି । ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ରାଜସ୍ଥାନ ପ୍ରଥମେ ବ୍ୟାଟିଙ୍ଗ୍ କରିବାକୁ ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୨୦ ଓଭର୍‌ରେ ୫ ଓ୍ୱିକେଟ୍ ବିନିମୟରେ ୧୪୧ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ରିୟାନ୍ ପରାଗ୍ ୪୭ ରନ୍‌ର ଅପରାଜିତ ପାଳି ଖେଳିଥିଲେ । ଚେନ୍ନାଇ ପକ୍ଷରୁ ସିମର୍‌ଜିତ୍ ସିଂହ ୩ଟି ଓ୍ୱିକେଟ୍ ଅକ୍ତିଆର କରିଥିଲେ । ୧୪୨ ରନ୍‌ର ବିଜୟ ଲକ୍ଷ୍ୟକୁ ଚେନ୍ନାଇ ୧୮ ଓଭର ୨ଟି ବଲ୍‌ରେ ୫ ଓ୍ୱିକେଟ୍ ବିନିମୟରେ ହାସଲ କରିଛି ।

ଆସନ୍ତାକାଲି ଅହମ୍ମଦାବାଦଠାରେ ସନ୍ଧ୍ୟା ସାଢ଼େ ୭ଟାରେ ଗୁଜରାଟ ଟାଇଟନ୍ସ ଏବଂ କୋଲ୍‌କାତା ନାଇଟ୍ ରାଇଡର୍ସ ମଧ୍ୟରେ ଖେଳାଯିବ ।

# ମାଉଣ୍ଟେନିୟରିଙ୍ଗ୍

ନେପାଳର ପର୍ବତାରୋହୀ କାମି ରିତା ଶେର୍ପା ୨୯ତମ ଥର ପାଇଁ ବିଶ୍ୱର ସର୍ବୋଚ୍ଚ ଶିଖର ଛୁଇଁବା ସହ ମାଉଣ୍ଟ ଏଭରେଷ୍ଟରେ ସର୍ବାଧିକ ଆରୋହଣ କରିବାର ରେକର୍ଡ କରିଛନ୍ତି। ନେପାଳର ପର୍ଯ୍ୟଟନ ଓ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ରାକେଶ ଗୁରୁଙ୍ଗ କହିଛନ୍ତି, ୫୪ ବର୍ଷୀୟ ଅଭିଜ୍ଞ ପର୍ବତାରୋହୀ ସେଠାକାର ସ୍ଥାନୀୟ ସମୟ ସକାଳ ୭ଟା ୨୫ ମିନିଟରେ ୮ ହଜାର ୮୪୯ ମିଟର ଶିଖରରେ ପହଞ୍ଚିଥିଲେ। ୨୦ ଜଣ ପର୍ବତାରୋହୀଙ୍କୁ ନେଇ ଏହି ଅଭିଯାନ ସେଭେନ୍ ସମିଟ୍ ଟ୍ରେକ୍ସ ଦ୍ୱାରା ଆୟୋଜନ କରାଯାଇଥିଲା । ଆଜି ସକାଳେ ସେମାନେ ଏଭରେଷ୍ଟରେ ପହଞ୍ଚିଥିଲେ ବୋଲି ସେଭେନ୍ ସମିଟ୍ ଟ୍ରେକ୍ସର ବରିଷ୍ଠ କର୍ମଚାରୀ ଥାନି ଗୁରାଗେନ୍ କହିଛନ୍ତି।

# ଚେସ୍

ଭାରତର ଆର୍. ପ୍ରଜ୍ଞାନନ୍ଦ ସୁପରବେଟ ରାପିଡ୍ ଆଣ୍ଡ ବ୍ଲିଜ୍ ଟୁର୍ଣ୍ଣାମେଣ୍ଟରେ ପରବର୍ତ୍ତୀ ପର୍ଯ୍ୟାୟପାଇଁ ଯୋଗ୍ୟତା ହାସଲ କରିଛନ୍ତି । ସେ ବିଶ୍ୱର ଏକ ନମ୍ବର ଚେସ୍ ଖେଳାଳି ନରୱେର ମାଗ୍ନାସ କାର୍ଲସନଙ୍କୁ ପରାସ୍ତ

କରି ଏହି ସଫଳତା ହାସଲ କରିଛନ୍ତି । ବ୍ଲିଜ୍ ଇଭେଣ୍ଟରେ ଆଉ ୯ ପର୍ଯ୍ୟାୟ ବାକି ଥିବା ବେଳେ ଚୀନ୍‌ର ୱି ୟି ୭ ବିଜୟ ସହ ୨୦ ଦଶମିକ ୫ ପଏଣ୍ଟ ହାସଲ କରି ଶୀର୍ଷ ସ୍ଥାନରେ ରହିଛନ୍ତି ।

୧୮ ପଏଣ୍ଟ ସହ କାର୍ଲସନ୍ ଏବେ ଦ୍ୱିତୀୟ ସ୍ଥାନରେ ଅଛନ୍ତି । ତେବେ ଆର୍. ପ୍ରଜ୍ଞାନନ୍ଦ ୧୪ ଦଶମିକ ୫ ପଏଣ୍ଟ ସହ ପ୍ରତିଯୋଗିତାର ଜଣେ ସଫଳ ଦାବିଦାର ଭାବେ ଉଭା ହୋଇଛନ୍ତି ।

*****